# NATIONAL NEWS BULLETIN (ODIA)

## 09th May - 2025

## Morning Bulletin : 7.15 a.m.

**********************************

ଆକାଶବାଣୀ.....  ସମ୍ବାଦ ପଢୁଛନ୍ତି.....  **ସତ୍ୟବ୍ରତ ବେହୁରା**

## ମୁଖ୍ୟ ସମ୍ବାଦ

- ପାକିସ୍ତାନରୁ ନିକ୍ଷେପ କରାଯାଇଥିବା ୮ଟି କ୍ଷେପଣାସ୍ତ୍ରକୁ ନିଷ୍କ୍ରିୟ କଲା ଭାରତୀୟ ସଶସ୍ତ୍ର ବାହିନୀ ।

- ସୀମାପାର ଆତଙ୍କବାଦ ବିରୋଧରେ ଭାରତର ପଦକ୍ଷେପ ସମ୍ପର୍କରେ ଆମେରିକା, ଇଟାଲୀ ଓ ୟୁରୋପୀୟ ସଂଘକୁ ଜଣାଇଲେ ବୈଦେଶିକ ମନ୍ତ୍ରୀ ।

- ସୀମାରେ ଉତ୍ତେଜନାମୂଳକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଦେଶର କେତେକ ବିମାନ ବନ୍ଦରକୁ ବନ୍ଦ ଘୋଷଣା କଲେ ସରକାର ।

- ଭାଟିକାନ୍ ସିଟିର ନୂଆ ପୋପ୍ ଭାବେ ରବର୍ଟ ଫ୍ରାନ୍ସିସ୍ ପ୍ରିଭୋଷ୍ଟ ନିର୍ବାଚିତ ।

ଏବଂ

- ଫ୍ଲଡ ଲାଇଟ୍‌ରେ ତ୍ରୁଟି ଯୋଗୁଁ ଆଇ.ପି.ଏଲ୍.ର ଧର୍ମଶାଳା ମ୍ୟାଚ୍ ବାତିଲ୍ ।

## ପାକ୍ ମିଶାଇଲ୍ - ଜମ୍ମୁ

ଜମ୍ମୁ-କାଶ୍ମୀରର ସତଓ୍ୱାରୀ, ସାମ୍ବା, ଆର୍.ଏସ୍.ପୁରା ଏବଂ ଆର୍ନିଆକୁ ପାକିସ୍ତାନରୁ ନିକ୍ଷେପ କରାଯାଇଥିବା ୮ଟି କ୍ଷେପଣାସ୍ତ୍ରକୁ ନିଷ୍କ୍ରିୟ କରିଦିଆଯାଇଛି । ପ୍ରତିରକ୍ଷା ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଏୟାର୍ ଡିଫେନ୍ସ ୟୁନିଟ୍ ଦ୍ୱାରା ସମ୍ପୃକ୍ତ କ୍ଷେପଣାସ୍ତ୍ରଗୁଡ଼ିକୁ ଅବରୋଧ କରାଯାଇଥିଲା । ପାକିସ୍ତାନ ସେନା ପକ୍ଷରୁ ଭାରତର ଏହିସବୁ ସ୍ଥାନଗୁଡ଼ିକ ଉପରେ କ୍ଷେପଣାସ୍ତ୍ର ଆକ୍ରମଣକୁ ବିଫଳ କରିବାରେ ଭାରତୀୟ ସେନାକୁ ସଫଳତା ମିଳିଛି । ଅନ୍ତର୍ଜାତୀୟ ସୀମା ନିକଟରେ ଥିବା ଜମ୍ମୁ, ପଠାନକୋଟ୍ ଓ ଉଦ୍ଧମପୁରର ସାମରିକ ଷ୍ଟେସନ୍‌ଗୁଡ଼ିକ ଉପରେ ପାକିସ୍ତାନ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ସାହାଯ୍ୟରେ ଟାର୍ଗେଟ୍ କରିଥିଲା। ଏଥିରେ କୌଣସି କ୍ଷୟକ୍ଷତି ହୋଇ ନ ଥିବା ଜଣାପଡ଼ିଛି । ନିର୍ଦ୍ଧାରିତ କୌଶଳ ଅନୁଯାୟୀ ଭାରତୀୟ ସଶସ୍ତ୍ର ବାହିନୀ ସମ୍ପୃକ୍ତ କ୍ଷେପଣାସ୍ତ୍ର ଓ ଡ୍ରୋନ୍‌ଗୁଡ଼ିକୁ ନିଷ୍କ୍ରିୟ କରିବାରେ ସଫଳ ହୋଇଛି ।

ପ୍ରତିରକ୍ଷା ବିଭାଗ ପକ୍ଷରୁ କୁହାଯାଇଛି, ଦେଶର ପଶ୍ଚିମ ଦିଗରେ ଏକାଧିକ ସ୍ଥାନରେ ଡ୍ରୋନ୍ ଦେଖିବାକୁ ମିଳିଥିଲା ଏବଂ ଏହା ଶତ୍ରୁପକ୍ଷର

ବୋଲି ନିଶ୍ଚିତ ହୋଇଛି । ଭାରତୀୟ ବାୟୁ ପ୍ରତିରକ୍ଷା ପ୍ରଣାଳୀଦ୍ୱାରା ପ୍ରଭାବଶାଳୀ ଢଙ୍ଗରେ ଜବାବ ଦିଆଯାଇଥିବା ଜଣାପଡ଼ିଛି । ଗତରାତି ପ୍ରାୟ ୧୧ଟା ସମୟରେ ଜମ୍ମୁ-କାଶ୍ମୀରର ସାମ୍ବା ଜିଲ୍ଲା ନିକଟବର୍ତ୍ତୀ ଅନ୍ତର୍ଜାତୀୟ ସୀମା ନିକଟରେ ଅନୁପ୍ରବେଶ ଉଦ୍ୟମକୁ ସୀମା ସୁରକ୍ଷା ବାହିନୀ ବିଫଳ କରିଛି ।

## ପଞ୍ଜାବ-ପାକ୍ ଫାୟାରିଂ

ପଞ୍ଜାବରେ ଗତକାଲି ରାତିରେ ପାକିସ୍ତାନର ଏକାଧିକ ପ୍ରୟାସକୁ ସଶସ୍ତ୍ର ବାହିନୀ ବିଫଳ କରିଛି । ପଠାନକୋଟ, ଜଳନ୍ଧର, ଅମୃତସର ଓ ଭଟିଣ୍ଡା ସମେତ କେତେକ ସ୍ଥାନକୁ ଲକ୍ଷ୍ୟ କରି ପାକିସ୍ତାନ ପକ୍ଷରୁ ଆକ୍ରମଣ ଉଦ୍ୟମ କରାଯାଇଥିଲା । ସମ୍ପୃକ୍ତ ଜିଲ୍ଲାର ଡେପୁଟି କମିଶନର ଏବଂ ପୁଲିସ ମୁଖ୍ୟ କହିଛନ୍ତି ପାକିସ୍ତାନଦ୍ୱାରା ନିକ୍ଷେପ କରାଯାଇଥିବା କ୍ଷେପଣାସ୍ତ୍ରକୁ ଆମ ସଶସ୍ତ୍ର ବାହିନୀ ନିଷ୍କ୍ରିୟ କରିଛି । ତେବେ ଏଥିରେ କୌଣସି କ୍ଷୟକ୍ଷତି ହୋଇ ନ ଥିବା ସୂଚନା ମିଳିଛି ।

ପାକିସ୍ତାନ ସହ ୫୫୩ କିଲୋମିଟର ଦୀର୍ଘ ସୀମା ଥିବା ପଞ୍ଜାବରେ ହାଇ ଆଲର୍ଟ ଜାରି କରାଯାଇଛି । ପଞ୍ଜାବ ପୁଲିସ ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ୍ କରିଛି । ଯେକୌଣସି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ

ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ୨୪ ଘଣ୍ଟିଆ ସତର୍କତା ଅବଲମ୍ବନ କରିବାପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏହାଛଡ଼ା ସମସ୍ତ ସ୍କୁଲ୍, କଲେଜ୍ ଓ ବିଶ୍ୱବିଦ୍ୟାଳୟରେ ଛୁଟି ଘୋଷଣା କରାଯିବା ସମସ୍ତ ପ୍ରକାର ପରୀକ୍ଷାକୁ ସ୍ଥଗିତ ରଖାଯାଇଛି । ଅମୃତସରର ଅଟାରୀ ସୀମା, ଫିରୋଜପୁରର ହୁସେନିୱାଲା ଏବଂ ଅନ୍ୟାନ୍ୟ ସ୍ଥାନରେ ରିଟ୍ରିଟ୍ ସମାରୋହକୁ ବନ୍ଦ ଘୋଷଣା କରାଯାଇଛି ।

## ଇଣ୍ଡିଆ-ପାକ୍ ଫେକ୍ ନ୍ୟୁଜ୍

ପଠାନ୍‌କୋଟ୍ ଓ ରାଜୌରୀରେ ଆତଙ୍କବାଦୀଙ୍କ ଆତ୍ମଘାତୀ ଆକ୍ରମଣ ସମ୍ପର୍କିତ ସୂଚନା ସମ୍ପୂର୍ଣ୍ଣ ମିଥ୍ୟା ବୋଲି ପ୍ରତିରକ୍ଷା ବିଭାଗ କହିଛି । ଉଭୟ ପାର୍ଶ୍ୱରେ କୌଣସି ଟ୍ୟାଙ୍କ୍ ଗତିବିଧି ଘଟି ନ ଥିବା ସୂଚନା ମିଳିଛି ।

## ଦିଲ୍ଲୀ - ଲିଭ୍ କ୍ୟାନ୍‌ସେଲ୍‌ଡ୍

ଦିଲ୍ଲୀ ସରକାର ସମସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ଛୁଟି ବାତିଲ୍ କରିଛନ୍ତି । ସାମ୍ପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଜରୁରୀକାଳୀନ

ପରିସ୍ଥିତି ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବା ପାଇଁ ଛୁଟି ବାତିଲ୍ କରାଯାଇଥିବା ଏକ ସରକାରୀ ବିଜ୍ଞପ୍ତିରେ କୁହାଯାଇଛି ।

## ଜୟଶଙ୍କର - କନ୍‌ଭର୍‌ସେସନ୍

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଗତସନ୍ଧ୍ୟାରେ ଆମେରିକାର ବୈଦେଶିକ ସଚିବ ମାର୍କ ରୁବିଓଙ୍କ ସହ ଆଲୋଚନା କରିଛନ୍ତି । ସୀମାପାର ଆତଙ୍କବାଦ ବିରୋଧରେ ଭାରତର ପଦକ୍ଷେପ ସମ୍ପର୍କରେ ଡକ୍ଟର ଜୟଶଙ୍କର ତାଙ୍କୁ ଅବଗତ କରାଇଥିବା ଜଣାପଡ଼ିଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସେ କହିଛନ୍ତି, ଉତ୍ତେଜନା ବୃଦ୍ଧିର ଯେକୌଣସି ପ୍ରୟାସକୁ ଭାରତ ଦୃଢ଼ତାର ସହ ମୁକାବିଲା କରିବ । ଆତଙ୍କବାଦ ବିରୋଧୀ ଲଢ଼େଇରେ ଭାରତ ସହ ମିଳିତ ଭାବେ କାର୍ଯ୍ୟ କରିବାକୁ ଆମେରିକାର ପ୍ରତିବଦ୍ଧତାକୁ ବୈଦେଶିକ ମନ୍ତ୍ରୀ ପ୍ରଶଂସା କରିଛନ୍ତି ।

ଡକ୍ଟର ଜୟଶଙ୍କର ଇଟାଲୀ ଉପପ୍ରଧାନମନ୍ତ୍ରୀ ତଥା ବୈଦେଶିକ ମନ୍ତ୍ରୀ ଆଣ୍ଟୋନିସ ତାଜାନୀଙ୍କ ସହ ଟେଲି-କନ୍‌ଫରେନ୍ସିଂରେ ଆଲୋଚନା କରିଛନ୍ତି । ଆତଙ୍କବାଦକୁ ଦୃଢ଼ହସ୍ତରେ ଦମନ କରିବା ଲାଗି ଭାରତର ପ୍ରୟାସ ସମ୍ପର୍କରେ ସେ ଇଟାଲୀ ପ୍ରତିପକ୍ଷଙ୍କ ସହ ଆଲୋଚନା କରିଥିବା

ଜଣାପଡ଼ିଛି । ଡକ୍ଟର ଜୟଶଙ୍କର କହିଛନ୍ତି, ପାକିସ୍ତାନ ସହ ଯେକୌଣସି ପରିସ୍ଥିତିରେ କଡ଼ା ଜବାବ ଦିଆଯିବ ।

ଅନ୍ୟପକ୍ଷରେ ୟୁରୋପୀୟ ସଂଘର ପ୍ରତିନିଧି କାଜା କଲାସ'ଙ୍କ ସହ ମଧ୍ୟ ଡକ୍ଟର ଜୟଶଙ୍କର ଆଲୋଚନା କରିଥିବା ଜଣାପଡ଼ିଛି ।

## ଏୟାର ପୋର୍ଟ କ୍ଲୋଜ୍ଡ୍

ପାକିସ୍ତାନ ପକ୍ଷରୁ ଆକ୍ରମଣକୁ ଦୃଷ୍ଟିରେ ରଖି କିଶନଗଡ଼, ଭୁଣ୍ଟର ଏବଂ ଲୁଧିଆନା ବିମାନ ବନ୍ଦରକୁ ବନ୍ଦ କରିଦିଆଯାଇଛି । ଏହା ପୂର୍ବରୁ ରାଜସ୍ଥାନ, ପଞ୍ଜାବ, ଜମ୍ମୁ-କାଶ୍ମୀର, ଚଣ୍ଡୀଗଡ଼ ଓ ହିମାଚଳ ପ୍ରଦେଶ ସମେତ ଅନେକ ବିମାନ ବନ୍ଦର ବନ୍ଦ ରହିଛି । ତେବେ ଦେଶର ସମସ୍ତ ବିମାନ ବନ୍ଦର ବନ୍ଦ ରହିଥିବା ଖବରକୁ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଖଣ୍ଡନ କରିଛି । ଦିଲ୍ଲୀ ବିମାନ ବନ୍ଦର ପକ୍ଷରୁ ବିମାନ ଚଳାଚଳ ନେଇ ନିର୍ଦ୍ଦେଶାବଳୀ ଜାରି କରାଯାଇଛି । ପରିବର୍ତ୍ତିତ ଆକାଶମାର୍ଗ ଓ ସୁରକ୍ଷା ବ୍ୟବସ୍ଥା ଯୋଗୁଁ କେତେକ ବିମାନ ଉଡ଼ାଣ ପ୍ରଭାବିତ ହୋଇଥିବା କୁହାଯାଇଛି ।

# ଏମ୍.ଇ.ଏ. ମୋଡ୍ ଅଫ୍ ବ୍ରିଫିଂ ସିନ୍ଦୂର

ବିଶ୍ୱରେ ବିଭିନ୍ନ ଆତଙ୍କବାଦୀ କାର୍ଯ୍ୟକଳାପର କେନ୍ଦ୍ରବିନ୍ଦୁ ପାକିସ୍ତାନ ବୋଲି ବୈଦେଶିକ ସଚିବ ବିକ୍ରମ ମିଶ୍ରି କହିଛନ୍ତି। ନୂଆଦିଲ୍ଲୀରେ ଗତକାଲି ଗଣମାଧ୍ୟମକୁ ସମ୍ବୋଧନ କରି ଶ୍ରୀ ମିଶ୍ରି କହିଛନ୍ତି, ପାକିସ୍ତାନ ପକ୍ଷରୁ ସୀମାପାର ବିରୋଧାତ୍ମକ କାର୍ଯ୍ୟର ଭାରତ ସଠିକ ଜବାବ ଦେଉଛି। ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣା ପରିପ୍ରେକ୍ଷୀରେ ଭାରତ ପଦକ୍ଷେପ ଗ୍ରହଣ କରିଛି ବୋଲି ସେ ସ୍ୱଷ୍ଟ କରିଛନ୍ତି। ଜାତିସଂଘ ସୁରକ୍ଷା ପରିଷଦରେ ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣାରେ ‘ଦି ରେଜିଷ୍ଟାନ୍ସ ଫ୍ରଣ୍ଟ– ଟି.ଆର୍.ଏଫ୍.’ର ସମ୍ପୃକ୍ତିକୁ ପାକିସ୍ତାନ ବିରୋଧ କରୁଥିବା ବେଳେ ଟି.ଆର୍.ଏଫ୍. ନିଜେ ଏଥିପାଇଁ ଥରେ ନୁହେଁ ଦୁଇଥର ଦାୟୀ ବୋଲି ଘୋଷଣା କରିସାରିଛି। ବିଶ୍ୱ ଆତଙ୍କବାଦୀ କାର୍ଯ୍ୟକଳାପର ପାକିସ୍ତାନ ପେଣ୍ଠସ୍ଥଳୀ ପାଲଟିଛି ବୋଲି ଶ୍ରୀ ମିଶ୍ରି କହିଛନ୍ତି। ଜାତିସଂଘ ଦ୍ୱାର ତାଲିକାଭୁକ୍ତ ବହୁ ଆତଙ୍କବାଦୀ ଗୋଷ୍ଠୀ ଏବେ ମଧ୍ୟ ପାକିସ୍ତାନରେ ସକ୍ରିୟ ଅଛନ୍ତି ବୋଲି ସେ କହିଛନ୍ତି।

ଏହି ଅବସରରେ ସୂଚନା ଦେଇ କର୍ଣ୍ଣେଲ ସୋଫିଆ କ୍ୟୁରେସି ଏବଂ ୱିଙ୍ଗ୍ କମାଣ୍ଡର ବ୍ୟୋମିକା ସିଂ କହିଛନ୍ତି, ଭାରତର ଉତ୍ତର ଏବଂ ପଶ୍ଚିମାଞ୍ଚଳର କେତେକ ସାମରିକ ଘାଟି ଉପରେ ପାକିସ୍ତାନ ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର

ମାଧ୍ୟମରେ ଆକ୍ରମଣ କରିବାର ପ୍ରୟାସ କରିଥିଲା। ତେବେ ଭାରତ ପକ୍ଷରୁ ସେଗୁଡ଼ିକୁ ନିଷ୍କ୍ରିୟ କରିଦିଆଯାଇଛି ବୋଲି କର୍ଣ୍ଣେଲ କ୍ୟୁରେସୀ କହିଛନ୍ତି।

***Voice :..........***

# ନିୟୁ ପୋପ୍

ଆମେରିକାର ଖ୍ରୀଷ୍ଟିଆନ ଧର୍ମଗୁରୁ ରବର୍ଟ ଫ୍ରାନ୍‌ସିସ୍ ପ୍ରିଭୋଷ୍ଟ ଭାଟିକାନ୍ ସିଟିର ନୂଆ ପୋପ୍ ଭାବେ ନିର୍ବାଚିତ ହୋଇଛନ୍ତି । ସେ ଲିଓ ଚତୁର୍ଦ୍ଦଶ ଭାବେ ପରିଚିତ ହେବେ । ଚିକାଗୋରେ ଜନ୍ମିତ ଅଣସ୍ତରି ବର୍ଷୀୟ ପ୍ରିଭୋଷ୍ଟ ପ୍ରଥମ ଆମେରିକୀୟ ଖ୍ରୀଷ୍ଟିଆନ ଧର୍ମଗୁରୁ ପୋପ୍ ଭାବେ ନିର୍ବାଚିତ ହୋଇଛନ୍ତି । ୨୦୨୩ ମସିହାରେ ପୋପ୍ ପ୍ରାନ୍‌ସିସ୍’ ପ୍ରିଭୋଷ୍ଟଙ୍କୁ ଲାଟିନ୍ ଆମେରିକା ପାଇଁ ଏକ ଖ୍ରୀଷ୍ଟୀୟ କମିଶନର ଅଧ୍ୟକ୍ଷ ଭାବେ ନିଯୁକ୍ତ କରିଥିଲେ ।

ଭାଟିକାନ୍‌ରୁ ଜନତାଙ୍କୁ ସମ୍ବୋଧିତ କରି ରୋମାନ୍ କ୍ୟାଥୋଲିକ୍ ଚର୍ଚ୍ଚର ମୁଖ୍ୟ କହିଛନ୍ତି, ତୁମ ସମସ୍ତଙ୍କ ସହିତ ଶାନ୍ତି ବଜାୟ ରହୁ । ୧୩୩ ଜଣ କାର୍ଡ଼ିନାଲ୍ ଉତ୍ତରାଧିକାରୀ ଚୟନ କରିବା ପରେ ପୋପ୍ ନିର୍ବାଚନ ଅନୁଷ୍ଠିତ ହୋଇଥିଲା ।

## ଆଇ. ଆଣ୍ଡ ବି. - ପାକିସ୍ତାନୀ କଣ୍ଟେଣ୍ଟସ

ପାକିସ୍ତାନରେ ପ୍ରସ୍ତୁତ ୱେବସିରିଜ୍, ଚଳଚ୍ଚିତ୍ର ଏବଂ ଅନ୍ୟାନ୍ୟ ପ୍ରସଙ୍ଗ ଭିତ୍ତିକ କାର୍ଯ୍ୟକ୍ରମକୁ ଭାରତରେ ଓଟିଟି ଏବଂ ମିଡିଆ ଷ୍ଟ୍ରିମିଂ ପ୍ଲାଟଫର୍ମରେ ପ୍ରସାରଣ ବନ୍ଦ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ପହଲଗାମ ଆତଙ୍କବାଦୀ ଆକ୍ରମଣ ପରିପ୍ରେକ୍ଷୀରେ ଜାତୀୟ ନିରାପତ୍ତାକୁ ଦୃଷ୍ଟିରେ ରଖି ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ଏହି ମାର୍ଗଦର୍ଶିକା ଜାରି କରାଯାଇଛି। ଯେକୌଣସି ଢାଞ୍ଚାରେ ଉପଲବ୍ଧ ହେଉଥିବା ପାକିସ୍ତାନୀ କାର୍ଯ୍ୟକ୍ରମଗୁଡ଼ିକର ପ୍ରସାରଣ ତୁରନ୍ତ ବନ୍ଦ କରିବାକୁ ମନ୍ତ୍ରଣାଳୟ ପରାମର୍ଶ ଦେଇଛି।

## ଜୟଶଙ୍କର - ଇରାନ୍ ଏଫ୍.ଏମ୍.

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର କହିଛନ୍ତି, ପାକିସ୍ତାନ ସହ ଉତ୍ତେଜନାପୂର୍ଣ୍ଣ ସ୍ଥିତି ଭାରତର ଉଦ୍ଦେଶ୍ୟ ନୁହେଁ। ତେବେ ସାମରିକ ଆକ୍ରମଣ କ୍ଷେତ୍ରରେ ଦୃଢ଼ ଜବାବ ଦିଆଯିବ ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି। ନୂଆଦିଲ୍ଲୀରେ ଭାରତ-ଇରାନ୍ ବିଂଶତମ ଯୁଗ୍ମ ଆୟୋଗ ବୈଠକରେ ଇରାନ୍‌ର ବୈଦେଶିକ ମନ୍ତ୍ରୀ ଡକ୍ଟର ସୟଦ ଆବାସ ଅର୍ଘାଚିଙ୍କ ସହ ସହ-ଅଧ୍ୟକ୍ଷତା କରି ଡକ୍ଟର ଜୟଶଙ୍କର ଏହା କହିଛନ୍ତି। ପହଲଗାମ

ଆତଙ୍କାବଦୀ ଆକ୍ରମଣ ଘଟଣା ଭାରତକୁ ସୀମାପାର ଆତଙ୍କବାଦୀ ଭିତ୍ତିଭୂମି ଉପରେ ଆକ୍ରମଣ କରିବାକୁ ବାଧ୍ୟ କରିଥିଲା । ଡକ୍ଟର ଜୟଶଙ୍କର କହିଛନ୍ତି, ଶ୍ରୀ ଅର୍ଘାଚି ଏଭଳି ଏକ ସମୟରେ ଭାରତ ଗସ୍ତରେ ଆସିଛନ୍ତି, ଯେତେବେଳେ ଭାରତ ଏକ ଅମାନୁଷିକ ଆତଙ୍କବାଦୀ ଆକ୍ରମଣର ଜବାବ ଦେଉଛି । ଏକ ପଡ଼ୋଶୀ ଏବଂ ଘନିଷ୍ଠ ସହଯୋଗୀ ଭାବରେ ତେହରାନ ଏହି ପରିସ୍ଥିତି ଭଲଭାବରେ ହୃଦୟଙ୍ଗମ କରିବା ଦରକାର ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି ।  ଉଭୟ ଦେଶ କୂଟନୈତିକ ସମ୍ପର୍କର ୭୫ତମ ବାର୍ଷିକୀ ପାଳନ କରୁଛି । ଶ୍ରୀ ଅର୍ଘାଚି ଇରାନର ବୈଦେଶିକ ବ୍ୟାପାର ମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଏହା ହେଉଛି ତାଙ୍କର ପ୍ରଥମ ଭାରତ ଗସ୍ତ ।

## ଆଇ.ପି.ଏଲ୍.

ଆଇ.ପି.ଏଲ୍. ଟି-ଟ୍ୱେଣ୍ଟି କ୍ରିକେଟ୍ ସିରଜ୍‌ର ଗତକାଲି ଅନୁଷ୍ଠିତ ମ୍ୟାଚ୍‌କୁ ବାତିଲ୍ କରାଯାଇଛି । ଧର୍ମଶାଳାର ହିମାଚଳ ପ୍ରଦେଶ କ୍ରିକେଟ୍ ଆସୋସିଏସନ୍ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମ୍ୟାଚ୍‌କୁ ସୁରକ୍ଷା କାରଣରୁ ବନ୍ଦ କରି ଦିଆଯାଇଥିଲା । ପ୍ରଥମେ ବ୍ୟାଟିଂ କରି ପଞ୍ଜାବ କିଙ୍ଗ୍‌ସ୍ ୧୦ ଓଭର ଗୋଟିଏ ବଲ୍‌ରେ ଗୋଟିଏ ୱିକେଟ୍ ବିନିମୟରେ ୧୨୨ ରନ୍ ସ୍କୋର୍ କରିଥିଲା ।

ଷ୍ଟାଡିୟମ୍‌ରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଫ୍ଲଡ୍ ଲାଇଟ୍ ଲିଭି ଯିବାରୁ ମ୍ୟାଚ୍ ବନ୍ଦ ରହିଥିଲା ।

ଆସନ୍ତା ରବିବାର ଅପରାହ୍ଣରେ ଧର୍ମଶାଳାରେ ଚାଲିବାକୁ ଥିବା ପଞ୍ଜାବ କିଙ୍ଗ୍‌ସ ଓ ମୁମ୍ବାଇ ଇଣ୍ଡିଆନ୍ସ ମଦ୍ୟରେ ମ୍ୟାଚ୍‌କୁ ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ୍‌କୁ ସ୍ଥାନାନ୍ତର କରାଯାଇଛି । ପରିବହନଜନିତ ସମସ୍ୟା ଯୋଗୁଁ ଏହି ପରିବର୍ତ୍ତନ କରାଯାଇଥିବା କୁହାଯାଇଛି । ରବିବାର ଦିନ ଅପରାହ୍ଣ ୩ଟା ୩୦ ମିନିଟ୍‌ରେ ଏହି ମ୍ୟାଚ୍ ଆରମ୍ଭ ହେବ ।

ଆଜି ସନ୍ଧ୍ୟା ୭ଟା ୩୦ରେ ଲକ୍ଷ୍ନୌରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ଲକ୍ଷ୍ନୌ ସୁପର ଜାଏଣ୍ଟ୍‌ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।

*****